## ୩୫୦ ଜଣଙ୍କ ଟିକାକରଣ

**ଛେଣ୍ଡିପଦା,(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକରେ ୨ୟ ଡୋଜ୍ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭୦ ଜଣଙ୍କୁ, କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୮୦ ଜଣଙ୍କୁ ଏବଂ ଜରପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୦ ଜଣଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଥିଲା। ଏଥିରୁ ବଞ୍ଚିତ ହୋଇଥିବା ନାଗରିକମାନଙ୍କୁ ଟିକା ଆସିବା ପରେ ଦିଆଯିବ ବୋଲି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍ ସଞ୍ଜୟ କୁମାର ବେହେରା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଚୋରା କାଠ ଚାଲାଣ ଅଭିଯୋଗ

ବଇଣ୍ଡା,୧୦।୫(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ଜଙ୍ଗଲରୁ କିଛିଦିନ ହେବ ଚୋରା କାଠ ଚାଲାଣ ହେଉଛି। ଏ ନେଇ ଗ୍ରାମବାସୀ ସୋମବାର ଅନୁଗୋଳ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଗ୍ରାମବାସୀ ଦର୍ଶାଇଛନ୍ତି, ଉପଖଣ୍ଡର ଏହି ଜଙ୍ଗଲରେ ବହୁ ମୂଲ୍ୟବାନ ଗଛ ରହିଛି। ହେଲେ ତାହା ଏବେ ସୁରକ୍ଷିତ ନାହିଁ। କାଠ ମାଫିଆମାନେ ପ୍ରତିଦିନ ରାତିରେ ଶାଗୁଆନ କାଠ କାଟି ଗାଡି ଯୋଗେ ଅନୁଗୋଳ ସମେତ ବୌଦ୍ଧ, କଟକ, ସମ୍ବଲପୁର ଆଦି ଜିଲାକୁ ଚାଲାଣ କରୁଛନ୍ତି। କାଠ ଚୋରମାନେ ବନ ବିଭାଗର କେତେଜଣ ତଳିଆ କର୍ମଚାରୀଙ୍କୁ ହାତକରି ଏଭଳି ଚାଲାଣ କରୁଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ତୁରନ୍ତ ଏଥିପ୍ରତି ବନବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜର ରବିନାରାୟଣ ମହାନ୍ତି କହିଛନ୍ତି, ତୁରନ୍ତ ଏଥିପ୍ରତି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ।

### କିଟ୍ ନାହିଁ, ଧାଡ଼ି ଲଗାଇ ନିରାଶ

**ଛେଣ୍ଡିପଦା,୧୦।୫(ସ୍ୱ.ପ୍ର.):** କରୋନାର ଦ୍ୱିତୀୟ ଲହରକୁ ନେଇ ଲୋକଙ୍କ ମଧ୍ୟରେ ଭୟ ବଢୁଥିବା ବେଳେ ଟେଷ୍ଟିଂ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ଭିଡ ଜମୁଛି। କିନ୍ତୁ ଆବଶ୍ୟକ ପରିମାଣର କିଟ୍ ନ ଥିବାରୁ ବହୁ ଲୋକଙ୍କ ଟେଷ୍ଟ କରାଯାଇପାରୁନି। ସୋମବାର ଅନୁଗୋଳ ଜିଲା କୋଶଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଟେଷ୍ଟିଂ ପାଇଁ ଆସିଥିବା ବହୁ ଲୋକ ଫେରିଯାଇଛନ୍ତି। ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ବଢୁଥିବାରୁ କୋଶଳା ଅଞ୍ଚଳର ଶତାଧିକ ଲୋକ ଟେଷ୍ଟ ପାଇଁ ମେଡିକାଲ ଆସିଥିଲେ। ଏଥିପାଇଁ ରାତି ୪ଟାରୁ ଲୋକେ ଲାଇନ ଦେବା ଆରମ୍ଭ କରିଥିଲେ। ତେବେ ଦୀର୍ଘସମୟ ଧରି ସେମାନେ ଧାଡ଼ିରେ ଠିଆ ହୋଇ ନ ପାରି ଆଧାରକାର୍ଡଗୁଡିକୁ ଲାଇନରେ ରଖିଥିଲେ। କିନ୍ତୁ କିଟ ନ ଥିବା ଯୋଗୁ କାହାର ଟେଷ୍ଟ ହୋଇ ନ ପାରିବାରୁ ସମସ୍ତେ ନିରାଶରେ ଫେରିଯାଇଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିଟ୍ ଯୋଗାଇବା ନିମନ୍ତେ ଭାଜପାର କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝି, ସାଧାରଣ ସମ୍ପାଦକ ସୁଦୀପ ଗଡନାୟକ, ନମିତା ଦଳବେହେରା, ରୋଜାଲିନ ଦାଶ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ଦାବି କରିଛନ୍ତି।

### ସ୍ଥିତି ସମୀକ୍ଷା କଲେ ଜିଲାପାଳ

**ଅନୁଗୋଳ ଅଫିସ, ୧୦।୫:** ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୋମବାର ତାଙ୍କ କାର୍ଯ୍ୟାଳୟରେ କରୋନା ସ୍ଥିତି ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ପ୍ରତ୍ୟକ ଦିନ ସକାଳ ସମୟରେ ଅମାନିଆଙ୍କୁ ସାବାଡ୍ କରିବାକୁ ଚଢ଼ାଉ ଜୋରଦାର କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ କୋଭିଡ୍ ନିୟମ ଉଲ୍ଲଂଘନ କରିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଚିକିତ୍ସିତ ହେଉଥିବା ଆକ୍ରାନ୍ତମାନଙ୍କ ସ୍ଥିତିକୁ ନିୟମିତ ତଦାରଖ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ, ଏଡିଏମ୍ଓ(ପିଏଚ୍) ଡା. ଧନଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଖାତାରେ ବଢୁନି ସଂଖ୍ୟା

- ଜିଲାରେ ଦୈନିକ ମରୁଛନ୍ତି ଏକାଧିକ ସଂକ୍ରମିତ
- ଶବାଗାରରେ ଲାଗୁଛି ଲମ୍ବା ଲାଇନ୍
- ଅନୁଗୋଳରେ କରୋନାକୁ ବର୍ଷେ ପୂରିଲା


କରଡ଼ାଗାଡ଼ିଆ ଶ୍ମଶାନରେ ଦାହ କରାଯାଉଛି।

**ଅନୁଗୋଳ ଅଫିସ, ୧୦।୫**

ଅନୁଗୋଳ ଜିଲାରେ କରୋନାକୁ ବର୍ଷେ ପୂରଣ ହୋଇଛି। ୨୦୨୦ ମେ ୧୦ ଅର୍ଥାତ୍ ଠିକ୍ ବର୍ଷକ ତଳେ ଏକାବେଳେ ଜିଲାରୁ ୧୫ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। ତେବେ ବର୍ଷକ ମଧ୍ୟରେ ମୋଟ୍ ଚିହ୍ନଟଙ୍କ ସଂଖ୍ୟା ୨୦ ହଜାର ଡେଇଁ ଯାଇଥିବାବେଳେ ଶତାଧିକ ଲୋକଙ୍କ ଜୀବନ ନେଇଛି ଏହି ମହାମାରୀ। ହେଲେ ସରକାରୀ ତାଲିକାରେ ମୃତକଙ୍କ ସମ୍ପର୍କରେ ଠିକ୍ ସୂଚନା ଦିଆଯାଉ ନ ଥିବା ଜିଲାବାସୀ ଅଭିଯୋଗ କରୁଛନ୍ତି।

ପ୍ରଥମ ଅପେକ୍ଷା କରୋନାର ଦ୍ୱିତୀୟ ଲହର ଅଧିକ ଭୟଙ୍କର ସାବ୍ୟସ୍ତ ହୋଇଛି। ଅନୁଗୋଳ ଜିଲାରେ ଖୋଲିଥିବା କୋଭିଡ୍ କେୟାର ସେଣ୍ଟର ଠାରୁ ଆରମ୍ଭ କରି କୋଭିଡ୍ ମେଡିକାଲ ପର୍ଯ୍ୟନ୍ତ ସବୁଆଡ଼େ ପ୍ରାୟତଃ ଶଯ୍ୟା ଖାଲି ନାହିଁ। ଇତିମଧ୍ୟରେ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୨୦ ହଜାର ୪୦୪ରେ ପହଞ୍ଚିଛି। ଦୈନିକ ଏକାଧିକ ବ୍ୟକ୍ତିଙ୍କ ଜୀବନ କରୋନା ନେଉଥିବାବେଳେ ପୁରୁଣା ଶବାଗାରରେ ମୃତଦେହ ଲାଇନ ଲଗାଯାଉଛି। ସେଠାରୁ ମୃତଦେହଗୁଡ଼ିକୁ ନେଇ କରଡ଼ାଗାଡ଼ିଆ ଶ୍ମଶାନରେ ଦାହ କରାଯାଉଛି। ଗତବର୍ଷ ୫୧ଟି ମୃତଦେହ ଏଠାରେ ଦାହ କରାଯାଇଥିବାବେଳେ ଗୋଟିଏ ପୋତା ଯାଇଥିଲା। ଏହାବାଦ୍ ବିଭିନ୍ନ ଅଞ୍ଚଳର ଲୋକମାନେ ସେମାନଙ୍କ ସମ୍ପର୍କୀୟଙ୍କ ମୃତଦେହ ଗାଁ ପାଖ ଶ୍ମଶାନକୁ ନେଇଥିବାବେଳେ ମେଡିକାଲ ସଫେଇ କର୍ମଚାରୀମାନେ ପିପିଇକିଟ୍ ପରିଧାନ କରି ଦାହ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଜିଲାର କେତେଜଣ ସଂକ୍ରମିତ ଜିଲା ବାହାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁମୁଖରେ ପଡ଼ିଥିଲେ। ହେଲେ ଗତବର୍ଷ ସରକାରୀ ଭାବେ ଅନୁଗୋଳ ଜିଲାରେ ମୃତ୍ୟୁ ସଂଖ୍ୟା ୩୭ରେ ଅଟକିଥିଲା। କରୋନା ଦ୍ୱିତୀୟ ଲହର ଆସିବା ଦିନଠାରୁ ଇତିମଧ୍ୟରେ କରଡ଼ାଗାଡ଼ିଆ ଶ୍ମଶାନରେ ୫୨ଟି ମୃତଦେହ ଦାହ ସରିଲାଣି। ସୋମବାର ଜିଲାର ବିଭିନ୍ନ ସ୍ଥାନରୁ ୬ଟି ମୃତଦେହ ଶବାଗାରକୁ ଆସିଥିବା ଜଣାପଡ଼ିଛି। କିନ୍ତୁ ସରକାରୀ ତାଲିକାରେ ଏବେ ସୁଦ୍ଧା ମୋଟ୍ ୪୨ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି।

### ବର୍ଷେ ବିତିଲା, ପ୍ରମାଣ ପାଇଲାନି ପୋଲିସ

୨୦୨୦ ମେ ୧୦ ତାରିଖରେ ଅନୁଗୋଳ ଜିଲାରୁ ପ୍ରଥମ କରି ୧୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ତେବେ ଏ ସମ୍ପର୍କରେ ପ୍ରଶାସନ ସୂଚନା ଦେବା ପୂର୍ବରୁ ସଂକ୍ରମିତଙ୍କ ନାମ ଓ ଠିକଣା ସୋସିଆଲ ମିଡିଆରେ ଘୁରି ବୁଲିଥିଲା। ଏହି ତଥ୍ୟ ଲିକ୍‌କୁ ନେଇ ସେହି ସମୟରେ ତୁମ୍ଭି ତୋଫାନ ହୋଇଥିଲା। ତତ୍କାଳୀନ ଜିଲାପାଳ ମନୋଜ କୁମାର ମହାନ୍ତି ତାଙ୍କ କାର୍ଯ୍ୟାଳୟରେ ତନାଘନା କରିଥିଲେ। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ଥାନାରେ ତଥ୍ୟ ପ୍ରଘଟ ହୋଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶେଷରେ ତଥ୍ୟ ଅଭାବ କାରଣରୁ ମାମଲା ବନ୍ଦ କରାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

### ତର୍ଜମା ପରେ ଘୋଷଣା ହେଉଛି



"କରୋନାରେ ମୃତ ବ୍ୟକ୍ତିଙ୍କ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଡିଟ୍ କରାଯାଇ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଉଛି। ତାହାକୁ ତର୍ଜମା କରାଯାଇ କୋଭିଡ୍‌ରେ ମୃତ୍ୟୁ ନେଇ ଘୋଷଣା ହେଉଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୨୦ ଜଣଙ୍କ କୋଭିଡ୍‌ରେ ମୃତ୍ୟୁ ହୋଇଥିବା ରାଜ୍ୟ ସରକାରଙ୍କୁ ରିପୋର୍ଟ ଦିଆଯାଇଛି।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

### ଶବାଗାରରେ ମୃତଦେହ ରଖାଯାଉଛି



"କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସଂକ୍ରମିତଙ୍କ ମୃତ୍ୟୁ ପରେ ମୃତଦେହ ଆଣି ପୁରୁଣା ଶବାଗାରରେ ରଖିବାର ବ୍ୟବସ୍ଥା ହୋଇଛି। ଏହାପରେ ଜିଲାପାଳଙ୍କ ନିକଟରୁ ନିର୍ଦ୍ଦେଶ ଆସିଲେ ମୃତଦେହ କରଡ଼ାଗାଡ଼ିଆ ଶ୍ମଶାନକୁ ପଠାଯାଇ ଦାହ କରାଯାଉଛି।

-ଧନଞ୍ଜୟ ବେହେରା, ଏଡିଏମ୍ଓ (ଜନସ୍ୱାସ୍ଥ୍ୟ/ କୋଭିଡ୍ ପରିଚାଳକ)

### ବିଳମ୍ବ ଗ୍ରହଣୀୟ ନୁହେଁ



"କରୋନାରେ ଆକ୍ରାନ୍ତ ହୋଇ ଜିଲାରେ ଶତାଧିକ ଲୋକ ମୃତ୍ୟୁମୁଖରେ ପଡ଼ିଛନ୍ତି। କିନ୍ତୁ ସରକାରୀ ତଥ୍ୟରେ ମାତ୍ର ଏକ ପ୍ରତିଶତ ଦର୍ଶାଯାଉଛି। ମୃତ ବ୍ୟକ୍ତିଙ୍କ ସମ୍ପର୍କରେ ଅଡିଟ୍‌ରେ ବିଳମ୍ବ ଆଦୌ ଗ୍ରହଣୀୟ ନୁହେଁ। ପରିବାର ଲୋକ ମୃତ୍ୟୁର କାରଣ ଜାଣିବା ପାଇଁ ହକ୍‌ଦାର।

-ଭୂପେଶ ଚନ୍ଦ୍ର ପ୍ରଧାନ, ଆଇନଜୀବୀ

### ଭୟ ନ ଥିବାରୁ ବଢୁଛି ସଂକ୍ରମଣ



"ଗତବର୍ଷ କରୋନା ନାଁ ଶୁଣିଲେ ଲୋକ ଭୟ କରୁଥିଲେ। ଏଥର ଲୋକେ କରୋନା ସମ୍ପର୍କରେ ଅଧିକ ଜାଣିଛନ୍ତି। କିନ୍ତୁ ଅନେକ ଲୋକ ଏହାକୁ ହେୟଜ୍ଞାନ କରୁଥିବାର ଜିଲାରେ ସଂକ୍ରମଣ ଦ୍ରୁତଗତିରେ ବଢୁଛି। ମୃତ୍ୟୁ ସଂଖ୍ୟା ବଢୁଥିବାରୁ ଶବ ରଖିବାକୁ ଜାଗା ରହୁନାହିଁ।

-ସୁବୋଧ ମିଶ୍ର, ପୂର୍ବତନ ସଦସ୍ୟ, ରୋଗୀ କଲ୍ୟାଣ ସମିତି

# ବଇଣ୍ଡାରେ ସ୍ୱାବ୍ ସଂଗ୍ରହ, ହଣ୍ଡପା ଶଟ୍‌ଡାଉନ

**ବଇଣ୍ଡା,୧୦।୫(ଡି.ଏନ.ଏ.)**


କଲ୍ୟାଣ ମଣ୍ଡପଠାରେ ସ୍ୱାବ୍ ସଂଗ୍ରହ କରାଯାଉଛି।

କିଶୋରନଗର ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ସୋମବାର ପ୍ରଶାସନ ପକ୍ଷରୁ କଲ୍ୟାଣୀ ମଣ୍ଡପଠାରେ ସ୍ୱାବ୍ ସଂଗ୍ରହ କରାଯାଇଛି। ଶରଧାମୁଣ୍ଡା ଓ ଆନନ୍ଦମୁଣ୍ଡା ଗ୍ରାମର କରୋନା ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା ୭୯ ଜଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିଲା। ସେହିପରି ପ୍ରଶାସନ ପକ୍ଷରୁ ବଇଣ୍ଡା ତଥା ଆଖପାଖ ଅଞ୍ଚଳରେ ଯାଞ୍ଚ କରାଯାଇଥିଲା। ଏଥିରେ ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର ଡା. ସରୋଜ କୁମାର ନନ୍ଦ, ସରୋଜ କୁମାର ସାହୁ, ନାରାୟଣ ଦେହୁରୀ, ସୁମିତ୍ରା ବେହେରା, ସୁବାସ ସାହୁ ପ୍ରମୁଖ ସ୍ୱାବ୍ ସଂଗ୍ରହ କରିଥିଲେ। ସେହିପରି ହଣ୍ଡପା ପଞ୍ଚାୟତରେ ସଂକ୍ରମଣ ବଢୁଥିବାବେଳେ ହଣ୍ଡପା ଗ୍ରାମକୁ ୭ ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏ ନେଇ ସରପଞ୍ଚ ଅମୀୟ ପ୍ରଧାନ ଚିଠି ନମ୍ବର ୨୫ ତା ୦୯।୦୫।୨୦୨୧ରେ ଘୋଷଣା କରିଛନ୍ତି। ଏ ନେଇ ଚିଠି ମାଧ୍ୟମରେ କିଶୋରନଗର ବିଡିଓ, ଆଠମଲ୍ଲିକ ଉପଜିଲାପାଳ, ଅନୁଗୋଳ ଜିଲାପାଳ, ଏସ୍‌ପିଙ୍କୁ ଆବଗତ କରାଇଛନ୍ତି। କିଶୋରନଗର ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ସମସ୍ତେ ଘରେ ରହିବା ସହ ମାସ୍କ ପିନ୍ଧିବା ପାଇଁ ବିଡିଓ ଶ୍ୟାମଳ କୁମାର ରାଏ ନିବେଦନ ଦେଇଛନ୍ତି।

# ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ

**ଅନୁଗୋଳ ଅଫିସ, ୧୦।୫**


ସିସିସିରେ ପୌର ଅଧିକାରୀମାନେ।

ଅନୁଗୋଳ ସହର ଉପକଣ୍ଠରେ ହୋଇଥିବା କୋଭିଡ୍ କେୟାର ସେଣ୍ଟରରେ ସୋମବାର ସନ୍ଧ୍ୟାରେ ପୌରପାଳିକା ଅଧିକାରୀମାନେ ପହଞ୍ଚି ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଲେ। ଏଥିସହ ସେମାନଙ୍କୁ ଫଳ ଓ ହର୍ଲିକ୍ସ ବଣ୍ଟନ କରିଥିଲେ। ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ସହ ପୌରପାଳିକା ନୋଡାଲ ଅଧିକାରୀ ନିର୍ମଳ ବେହେରା ଓ ଟିଡି ବିଭୂତି ମହାରଣା ସିସିସି ପରିଦର୍ଶନରେ ଆସିଥିଲେ। ଏ ନେଇ ପୌର ନିର୍ବାହୀ ଅଧିକାରୀ ମଲ୍ଲିକ କହିଛନ୍ତି, ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଅବଗତ ହେବା ପାଇଁ ଏପରି ଗସ୍ତ ହୋଇଥିଲା। ସେମାନଙ୍କ ନିକଟକୁ ଯାଇ ସ୍ୱାସ୍ଥ୍ୟବସ୍ଥା ବୁଝିଲେ ମନୋବଳ ବୃଦ୍ଧି ହେବ। ଯେଉଁମାନେ କରୋନାକୁ ନେଇ ମାନସିକ ଚାପରେ ରହୁଛନ୍ତି, ସେମାନଙ୍କୁ ଚାପ ମୁକ୍ତ ହୋଇ ରହିବା ପାଇଁ ପରାମର୍ଶ ଦେଇଥିବା ପୌର ଅଧିକାରୀ ପ୍ରକାଶ କରିଛନ୍ତି।

# ୫ ଘଣ୍ଟା ପରେ ଉଠାଗଲା ମୃତଦେହ


କୋଭିଡ୍ ଦାୟିତ୍ୱରେ ଥିବା କର୍ମଚାରୀମାନେ ମୃତଦେହ ଦାହ ପାଇଁ ନେଉଛନ୍ତି।

**ଛେଣ୍ଡିପଦା,୧୦।୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ପଞ୍ଚାୟତ ପୁରୁଣାଗଡ ଗ୍ରାମର ଜଣେ ବୃଦ୍ଧାଙ୍କ ସୋମବାର କୋଭିଡ୍‌ରେ ମୃତ୍ୟୁ ହୋଇଥିଲା। ହେଲେ ଭୟରେ କେହି ବି ତାଙ୍କ ମୃତଦେହ ଉଠାଇ ନ ଥିଲେ। ତେବେ ଦୀର୍ଘ ୫ ଘଣ୍ଟା ପରେ କୋଭିଡ୍ ଡ୍ୟୁଟିରେ ଥିବା କେତେଜଣ କର୍ମଚାରୀ ମୃତଦେହ ନେଇ ଦାହ କରିଥିଲେ।

ପ୍ରକାଶ ଯେ, ବୃଦ୍ଧା ସରସ୍ୱତୀ ଗଡ଼ନାୟକ (୬୫) ସପ୍ତାହେ ତଳେ ଥଣ୍ଡା, କାଶ, ମୁଣ୍ଡ ବିନ୍ଧା, ଆଣ୍ଠୁଗଣ୍ଠି ଦରଜ ଆଦି ରୋଗରେ ଆକ୍ରାନ୍ତ ହୋଇଥିଲେ। କୋଭିଡ୍ ଟେଷ୍ଟରୁ ସେ ପଜିଟିଭ୍ ଚିହ୍ନଟ ହୋଇଥିଲେ। ତାଙ୍କୁ କୋଭିଡ୍ ହସ୍ପିଟାଲରେ ରହିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ହେଲେ ସେ ଘରେ ସଙ୍ଗରୋଧରେ ରହିବା ପାଇଁ ଚାହିଁଥିଲେ। ତେବେ ସୋମବାର ସକାଳ ୭ଟା ୩୦ରେ ତାଙ୍କର ମୃତ୍ୟୁ ହେଇଯାଇଥିଲା। କୋଭିଡ୍‌ରେ ତାଙ୍କର ମୃତ୍ୟୁ ହୋଇଥିବାରୁ ପରିବାର ଲୋକ, ବନ୍ଧୁବାନ୍ଧବ କି ସାହିପଡ଼ିଶା କେହି ବି ମୃତଦେହ ନିକଟକୁ ଆସି ନ ଥିଲେ। ଖବରପାଇ ସରପଞ୍ଚ ସସ୍ମିତା ପ୍ରଧାନ ପହଞ୍ଚି ବିଡିଓଙ୍କ ସହିତ ଯୋଗାଯୋଗ କରିଥିଲେ। ପରେ ଜିଲାର ଶବ ବାହକ ଗାଡି ସହ କୋଭିଡ୍ ଡ୍ୟୁଟିରେ ଥିବା କର୍ମଚାରୀମାନେ ପହଞ୍ଚି କରଡାଗାଡିଆ ଶ୍ମଶାନରେ ମୃତଦେହ ସତ୍କାର କରିଥିଲେ।

# ଜିଲା କଂଗ୍ରେସ ପକ୍ଷରୁ ଦାବିପତ୍ର

**ଅନୁଗୋଳ ଅଫିସ, ୧୦।୫**

## କୋଭିଡ୍ ପରିଚାଳନାରେ ଅବ୍ୟବସ୍ଥା


ଜିଲା କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅନୁଗୋଳ ଜିଲାରେ କୋଭିଡ୍ ପରିଚାଳନାରେ ଅବ୍ୟବସ୍ଥା ଦୂର ପାଇଁ ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ଜିଲା ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ କୁହାଯାଇଛି ଯେ, ଜିଲାରେ କରୋନା କୋପ ବଢୁଥିବାବେଳେ ସେହି ଅନୁଯାୟୀ ଆନୁସଙ୍ଗିକ ବ୍ୟବସ୍ଥା ହୋଇପାରୁ ନ ଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀମାନଙ୍କୁ ଡାକ୍ତରଖାନା ଆଣିବା ପାଇଁ ଆମ୍ବୁଲାନ ଅଭାବ ଦେଖାଦେଉଛି। ତେଣୁ ଘରୋଇ ଆମ୍ବୁଲାନ୍ସକୁ ସ୍ୱଳ୍ପ ଭଡାରେ ଆଣି ଲଗାଇବାକୁ କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି। ଏଥିସହ କରୋନା ପରିଚାଳନାରେ ଶିଳ୍ପ ସଂସ୍ଥାମାନଙ୍କ ସହଯୋଗ ଲୋଡ଼ିବାକୁ କଂଗ୍ରେସ ପକ୍ଷରୁ ପରାମର୍ଶ ଦିଆଯାଇଛି। ରୋଗୀମାନଙ୍କୁ ତ୍ୱରିତ ଚିକିତ୍ସା ସେବା କିଭଳି ଯୋଗାଇ ଦିଆଯିବ ସେଥିପାଇଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବସ୍ଥା ସହ ବେସରକାରୀ ଡାକ୍ତରଖାନାରେ ସର୍ବନିମ୍ନ ଦର ଧାର୍ଯ୍ୟ କରିବାକୁ ଦାବି କରାଯାଇଛି। କରୋନା ରୋଗୀଙ୍କ ମୃତ୍ୟୁ ପରେ ଯୁଦ୍ଧକାଳୀନ ଭିତିରେ ମୃତଦେହ ଉଠାଯାଉ ନ ଥିବାରୁ ବହୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ସେହିପରି ରୋଗୀମାନଙ୍କୁ ଅକ୍ସିଜେନ ଠିକଣା ସମୟରେ ଦିଆଯାଉ ନ ଥିବାରୁ ବହୁ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହୋଇପଡୁଛି। ସମସ୍ତ ଦାବିକୁ ଜିଲାପାଳ ଗୁରୁତ୍ୱର ସହ ବିଚାରକୁ ନେଇ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିବା କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି।

# ୪୯୭ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୦।୫**

ଅନୁଗୋଳ ଜିଲାରେ ସୋମବାର ୪୯୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୨୦ ହଜାର ୪୦୪ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଜିଲାରୁ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ସର୍ବାଧିକ ୭୩ଜଣ ଥିବାବେଳେ ବଅଁରପାଳ ବ୍ଲକରୁ ୭୧, ତାଳଚେର ବ୍ଲକରୁ ୬୩, ଆଠମଲ୍ଲିକ ବ୍ଲକରୁ ୫୫, ଅନୁଗୋଳ ପୌରାଞ୍ଚଳରୁ ୫୫, ତାଳଚେର ପୌରାଞ୍ଚଳରୁ ୪୭, କଣିହାଁ ବ୍ଲକରୁ ୪୬, କିଶୋରନଗର ବ୍ଲକରୁ ୩୬, ଅନୁଗୋଳ ବ୍ଲକରୁ ୨୪, ପାଲଲହଡା ବ୍ଲକରୁ ୧୮ ଓ ଆଠମଲ୍ଲିକ ଏନ୍ଏସିରୁ ୯ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ୮୮ ଜଣଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜିଲାପାଳ ସ୍ୱାଇଁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୫୯୮ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ବଜାରରେ ମାନୁନାହାନ୍ତି କଟକଣା

**ଛେଣ୍ଡିପଦା/ଖମାର,୧୦।୫(ସ୍ୱ.ପ୍ର.)**

ଲକ୍‌ଡାଉନ୍ ସମୟରେ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ସରକାର ଅନୁମତି ଦେଇଛନ୍ତି। କୋଭିଡ୍ କଟକଣାକୁ ଖାଉଟି ଓ ବ୍ୟବସାୟୀମାନେ ଉଲ୍ଲଂଘନ କରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ହେଲେ ଛେଣ୍ଡିପଦା ବ୍ଲକରେ ଥିବା କୋଶଳା, ଛେଣ୍ଡିପଦା, ଜରପଡା, ବାଗଡିଆ ଦୈନିକ ପରିବା ବଜାରରେ ଲୋକମାନେ କରୋନା କଟକଣାକୁ ମାନୁ ନ ଥିବା ଦେଖାଯାଉଛି। ଏହି ବଜାରରୁ ଦୈନିକ ଶତାଧିକ ବେପାରୀ ଅନୁଗୋଳ, ତାଳଚେର, ଏନ୍‌ଟିପିସି, ବଅଁରପାଳ, ଢେଙ୍କାନାଳ ବଜାର ପାଇଁ ପରିବା ସଂଗ୍ରହ କରିଥାନ୍ତି। ସ୍ଥାନୀୟ ଲୋକମାନେ ଦୈନନ୍ଦିନ ଚଳଣି ପାଇଁ ମଧ୍ୟ ଏହି ବଜାରକୁ ଆସିଥାନ୍ତି। ଜିଲାରେ କରୋନା ସଂକ୍ରମଣ ବଢୁଥିବା ବେଳେ ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ବହୁ ସଂକ୍ରମିତ ବାହାରୁଛନ୍ତି। ହେଲେ ଏହି ବଜାରରେ ସାମାଜିକ ଦୂରତ୍ୱ ପାଳନ କରାଯାଉ ନାହିଁ। ବ୍ୟବସାୟୀମାନେ ଲାଗି ଲାଗି ବସୁଥିବାବେଳେ ମାସ୍କ ବ୍ୟବହାର ଠିକ୍ ଭାବେ ହେଉନାହିଁ। ସ୍ଥାନୀୟ ପ୍ରଶାସନ ଏ ଦିଗରେ କୌଣସି ନଜର ରଖୁ ନ ଥିବା ଦେଖାଯାଇଛି। ସେହିପରି ପାଲଲହଡ଼ା ବ୍ଲକ ଖମାର ବଜାର ଅଞ୍ଚଳରେ କୋଭିଡ୍ ନିୟମ ପାଳନ କରାଯାଉ ନ ଥିବା ଦେଖିବାକୁ ମିଳୁଛି। ଛକରେ ପୋଲିସ ଜଗୁଥିଲେ ମଧ୍ୟ ଅମାନିଆମାନେ ବିଭିନ୍ନ ଉପାୟରେ ଖସିଯାଉଛନ୍ତି। ପରିବା, ରାଶନ ଦୋକାନଗୁଡ଼ିକରେ ଲୋକମାନେ ସାମାଜିକ ଦୂରତ୍ୱ କି ମାସ୍କ ନିୟମ ପାଳନ କରୁନାହାନ୍ତି। ତେବେ ସୋମବାର ଖମାର ଥାନା ଅଧିକାରୀ ନିରୋଦ କୁମାର ଦାସ ଏ ନେଇ ଲୋକଙ୍କୁ ସଚେତନ ସହ ତାଗିଦ୍ କରିଥିବା ଦେଖିବାକୁ ମିଳିଛି।


ଛେଣ୍ଡିପଦା ବଜାରରେ ପ୍ରବଳ ଭିଡ଼।

# ୯, ୧ ନମ୍ବର ୱାର୍ଡ କଣ୍ଟେନମେଣ୍ଟ ଜୋନ୍

**ଆଠମଲ୍ଲିକ,୧୦।୫(ଡି.ଏନ.ଏ.)**

ଆଠମଲ୍ଲିକ ଏନ୍‌ଏସିରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଲକ୍ଷ୍ୟ କରି ଆଠମଲ୍ଲିକ ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ୱାର୍ଡକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଉଛି। ସୋମବାର ଆଠମଲ୍ଲିକ ଏନ୍‌ଏସିର ୯ ନମ୍ବର ୱାର୍ଡର ରମେଶ୍ୱର ପାଟଣା ଓ ୧ ନମ୍ବର ୱାର୍ଡର ଫରେଷ୍ଟ କଲୋନୀକୁ କଣ୍ଟେନମେଣ୍ଟ ଜୋନ୍ ରୂପେ ଘୋଷଣା କରାଯାଇ ପ୍ରବେଶ ପଥରେ ବ୍ୟାରିକେଟ ବ୍ୟବସ୍ଥା କରାଯାଇଛି। ଏକ ସପ୍ତାହ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ଉପଜିଲାପାଳ ଲଳିତମୋହନ ବେହେରା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଶନିବାର, ରବିବାର ସପ୍ତାହାନ୍ତ ଶଟଡାଉନ ପରଦିନ ଅର୍ଥାତ ସୋମବାର ବଜାରରେ ଭିଡ଼ ଜମୁଥିବା ଦେଖାଯାଉଛି। ଦିନ ୧୨ଟା ପରେ ଜରୁରୀ କାର୍ଯ୍ୟ ନ ଥିଲେ ମଧ୍ୟ ବହୁ ଲୋକ ବାଇକ୍ ଯୋଗେ ଯାତାୟାତ କରୁଥିବାବେଳେ ସନ୍ଧ୍ୟାରେ ଯୁବଗୋଷ୍ଠୀ ବିଭିନ୍ନ ସ୍ଥାନରେ ଆଡ୍ଡା ଜମାଉଥିବା ଲକ୍ଷ୍ୟ କରାଯାଇଛି।

# ଟିକାଦାନରେ ଅବ୍ୟବସ୍ଥା, ଫେରିଲେ ଲୋକେ


ଟିକା ନେବା ପାଇଁ କିଶୋରନଗର ବ୍ଲକର ଏକ କେନ୍ଦ୍ରରେ ପ୍ରବଳ ଭିଡ଼।

**ବଇଣ୍ଡା/ କଣିହାଁ,୧୦।୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ଅଙ୍ଗପଡା, କିଶୋରନଗର, ହଣ୍ଡପାରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଟିକା ଦିଆଯାଇଛି। ହେଲେ ଏଥିରେ ବହୁ ଅବ୍ୟବସ୍ଥା ହୋଇଥିବା କିଶୋରନଗରବାସୀ ଅଭିଯୋଗ କରିଛନ୍ତି। କିଶୋରନଗର ଅଞ୍ଚଳ ପାଇଁ ୧୫୦, ଅଙ୍ଗପଡା ପାଇଁ ୧୦୦, ହଣ୍ଡପା ପାଇଁ ୧୦୦ ଟିକା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସିଥିବାବେଳେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଗୁଆ ପଞ୍ଜୀକରଣ ବ୍ୟବସ୍ଥା କରାଯାଇ ନ ଥିବାରୁ ଏତେ ସଂଖ୍ୟକ ଲୋକ ଏକାଠି ହୋଇଥିଲେ। ୩ଟି ଟିକାଦାନ କେନ୍ଦ୍ରରେ ଶହ ଶହ ଲୋକ ସାମାଜିକ ଦୂରତ୍ୱ ଭୁଲି ଲମ୍ବା ଲାଇନ କରିଥିବା ଦେଖିବାକୁ ମିଳିଛି। ଏ ନେଇ ଅଙ୍ଗପଡା ଓ କିଶୋରନଗର ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। କିଶୋରନଗର ବିଡିଓ ଶ୍ୟାମଳ କୁମାର ରାଏ କହିଛନ୍ତି, ସରକାରଙ୍କ ପକ୍ଷରୁ ଯେତିକି ଟିକା ଆସିଥିଲା ସେତିକି ଦିଆଯାଇଛି। ଅଳ୍ପ ପରିମାଣର ଟିକା ଆସିଥିବାବେଳେ ବହୁ ଲୋକ ଭିଡ ହୋଇଯାଇଥିଲେ। ସେହିପରି କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଟିକା ନେବାକୁ ଆସିଥିବା ଶତାଧିକ ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୧୫୦ ଜଣଙ୍କୁ ୨ୟ ଡୋଜ୍ ଟିକା ଦିଆଯିବାକୁ କୁହାଯିବା ପରେ ସେଠାରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଦିନ ୧୧ଟାରେ ପରିସ୍ଥିତିରେ ସୁଧାର ଆସିଥିଲା। ପ୍ରଥମ ଟିକା ନେବାର ୩୫ ଦିନରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଶତାଧିକ ବ୍ୟକ୍ତିଙ୍କୁ ୨ୟ ଡୋଜ୍ ଟିକା ପାଇଁ ମେଡିକାଲ କର୍ତ୍ତୃପକ୍ଷ ଜଣାଉନାହାନ୍ତି। ତେଣୁ ସୂଚନା ଅଭାବରୁ ଭିଡ଼ ଜମୁଥିବା ଶ୍ରବଣ ବେହେରା, ସସ୍ମିତା ପ୍ରଧାନଙ୍କ ସମେତ ଅନେକେ ପ୍ରକାଶ କରିଛନ୍ତି। ଏ ନେଇ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୁମନ୍ତ ପଟେଲ ଓ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଅଭୟ କୁମାର ସାମଲଙ୍କ ସହ ଯୋଗାଯୋଗ ସତ୍ତ୍ୱେ ମତାମତ ମିଳିପାରି ନାହିଁ।

